₹4.00 RNI No. ORIORI/2003/11342
Postal Regd. No. BN/140/18-20

କେବଳ ନିଛକ ସତ୍ୟ

ଦ୍ୱୈତନଗରୀ ସହ ୧୬ ପୃଷ୍ଠା

# ସୂର୍ଯ୍ୟପ୍ରଭା
SURYAPRAVA

ଭାଗ ୧୭, ସଂଖ୍ୟା ୧୨୩, ସୋମବାର ୧୯ ମାର୍ଚ୍ଚ, ୨୦୧୮ ଭୁବନେଶ୍ୱର www.suryaprava.co.in MONDAY 19 MARCH 2018 Bhubaneswar ମୂଲ୍ୟ ୪ ଟଙ୍କା

୩ ଏଟିଏମ୍‌ରୁ ବାହାରିଲା ଜାଲ୍ ନୋଟ୍ | ଅ ଭାରତୀୟ ମହିଳା ବୈଜ୍ଞାନିକଙ୍କ ରେକର୍ଡ଼: ଆଣ୍ଟାର୍କଟିକାରେ ରହିଲେ ବର୍ଷେ | ୧୧ ଛକା ମାରି ଭାରତରକୁ ଚାମ୍ପିଅନ୍ କଲେ କାର୍ତ୍ତିକ

# ଭୁବନେଶ୍ୱର ଏସଡିଆଇ ହାଇଡ୍ରୋ କାର୍ବନ କ୍ଷେତ୍ରରେ ହେବ ଦେଶରେ ପ୍ରଥମ ଦକ୍ଷତା ବିକାଶ ସଂସ୍ଥାନ: ରାଷ୍ଟ୍ରପତି

## ଆଇସିଟି ମୁମ୍ବାଇ–ଇଣ୍ଡିଆନ ଅଏଲ କ୍ୟାମ୍ପସର ଉଦ୍‌ଘାଟନ ଓ ଏସଡିଆଇ ଭୁବନେଶ୍ୱରର ସ୍ଥାୟୀ କ୍ୟାମ୍ପସର ଭିତ୍ତିପ୍ରସ୍ତର ସ୍ଥାପନ କଲେ ରାଷ୍ଟ୍ରପତି

## ଦୁଇ ଅନୁଷ୍ଠାନ ଓଡିଆ ଯୁବ ପିଢିଙ୍କ ପାଇଁ ଉତ୍ତମ ତାଲିମ ଆଧାରରେ ରୋଜଗାରକ୍ଷମ ହେବାକୁ ସୁବିଧା ଉପଲବ୍ଧ କରାଇବ: ଧର୍ମେନ୍ଦ୍ର

॥ ପ୍ରଭାନ୍ୟୁଜ୍ ॥
ଜଟଣୀ/ଭୁବନେଶ୍ୱର, ୧୮।୩:

ସ୍କିଲ ଡେଭଲପମେଂଟ ଇନଷ୍ଟିଚ୍ୟୁଟ ହାଇଡ୍ରୋ କାର୍ବନ କ୍ଷେତ୍ରରେ ଦେଶରେ ଏହା ପ୍ରଥମ ଇନଷ୍ଟିଚ୍ୟୁଟ୍ ହେବ । ଏହା ଆଗାମୀ ୧୦ ବର୍ଷରେ ୫୦ ହଜାର ଯୁବକଙ୍କୁ ପ୍ରଶିକ୍ଷଣ ଦେବାର ଲକ୍ଷ୍ୟ ରଖା ଯାଇଥିବା ଜାଣି ସେ ଅତ୍ୟନ୍ତ ଖୁସୀ ବୋଲି ରାଷ୍ଟ୍ରପତି ରାମନାଥ କୋବିନ୍ଦ କହିଛନ୍ତି ।

ଆଇଆଇଟି ଭୁବନେଶ୍ୱରର ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ରାଷ୍ଟ୍ରପତି ଇନଷ୍ଟିଚ୍ୟୁଟ୍ ଅଫ୍ କେମିକାଲ ଟେକ୍ନୋଲଜି, ଆଇସିଟି ମୁମ୍ବାଇ – ଇଣ୍ଡିଆନ ଅଏଲ କ୍ୟାମ୍ପସର ଶୁଭ ଉଦଘାଟନ ଓ ସ୍କିଲ ଡେଭଲପମେଂଟ ଇନଷ୍ଟିଚ୍ୟୁଟ,ଏସଡିଆଇ ଭୁବନେଶ୍ୱରର ସ୍ଥାୟୀ କ୍ୟାମ୍ପର ଭିତିପ୍ରସ୍ତର ସ୍ଥାପନା କରି ରାଷ୍ଟ୍ରପତି ଏହା କହିଛନ୍ତି ।

ଏହି କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ଆଇସିଟି ମୁମ୍ବାଇ ଓ ଏସଡିଆଇ ଅନୁଷ୍ଠାନ ଓଡିଆ ଯୁବ ପିଢୀଙ୍କ ପାଇଁ ଉତ୍ତମ ତାଲିମ ଆଧାରରେ ରୋଜଗାର ଓ ଉଦ୍ୟମୀ ହେବାର ବ୍ୟାପକ ସୁବିଧା ଉପଲବ୍ଧ କରାଇବ । ଆଇସିଟି ମୁମ୍ବାଇ – ଇଣ୍ଡିଆନ ଅଏଲ କ୍ୟାମ୍ପସ ଓ ଏସଡିଆଇ କ୍ୟାମ୍ପସ କେନ୍ଦ୍ର ତୈଳ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଉଦ୍ୟମରେ ଓଡିଶାରେ ସ୍ଥାପିତ ହେଉଛି । ପ୍ରାଥମିକ ଭାବେ ଅସ୍ଥାୟୀ କ୍ୟାମ୍ପସ ପରିଚାଳନା ପାଇଁ ୧୦୦ କୋଟି ଟଙ୍କା ଖର୍ଚ୍ଚ ଆକଳନ କରାଯାଇଥିବାବେଳେ ଏହାର ସ୍ଥାୟୀ କ୍ୟାମ୍ପସ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କୁ ୧୦୦ ଏକର ଜମି ମଗାଯାଇଛି ଓ ଏହି ପୂର୍ଣ୍ଣାଙ୍ଗ କ୍ୟାମ୍ପସ ପାଇଁ ୫୦୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଏହା କାର୍ଯ୍ୟକ୍ଷମ ହେଲେ ଏଠାର ୨ ହଜାର ଛାତ୍ରଛାତ୍ରୀ ସମ୍ପୂର୍ଣ୍ଣ ଭାବେ ପ୍ରତିଷ୍ଠିତ ହୋଇପାରିବେ । ସେହିପରି ଜଟଣୀ ତରାବୋଇ ଠାରେ ୬୦ ଏକର ଜମିରେ କାର୍ଯ୍ୟକାରୀ ହେବାକୁ ଥିବା ସ୍କିଲ୍ ଡେଭେଲପମେଣ୍ଟ କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ୫୦୦ କୋଟି ଟଙ୍କା ଧାର୍ଯ୍ୟ ରଖାଯାଇଥିବାବେଳେ ଏହି କେନ୍ଦ୍ରରେ ୧୬ଟି ବିଭାଗରେ ବର୍ଷକୁ ୩ ହଜାରରୁ ୪ ହଜାର ଛାତ୍ରଛାତ୍ରୀ ପ୍ରଶିକ୍ଷିତ ହୋଇପାରିବେ ।



କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଲେ ଯେ କେମିକାଲ ଓ ପେଟ୍ରୋ କେମିକାଲ କ୍ଷେତ୍ରରେ ଦେଶର ଅଗ୍ରଣୀ ଅନୁଷ୍ଠାନ ଆଇସିଟି ମୁମ୍ବାଇର ଓଡିଶା କ୍ୟାମ୍ପସ ଏହାର ଶିକ୍ଷାର୍ଥୀଙ୍କ ପାଇଁ ବଡ ସୁଯୋଗ ଉପଲବ୍ଧ କରାଇବ । ଶ୍ରୀ ପ୍ରଧାନ କହିଛନ୍ତି ଯେ ପୂର୍ବ ଭାରତ ଓ ଦେଶରେ ପଲିମର ଚାହିଦା ଦୃତ ବୃଦ୍ଧି ଦୃଷ୍ଟିରୁ ପେଟ୍ରୋକେମିକାଲ ଶିଳ୍ପ ଦୃତ ବଢିବ । ଏହି ସମୟରେ ଓଡିଶାରେ ଆଇସିଟି – ଇଣ୍ଡିଆନ ଅଏଲ କ୍ୟାମ୍ପସ ଏହି ଶିଳ୍ପକୁ ଦୃତ ଗତି ■ ୧୧ ପୃଷ୍ଠାରେ...

# ଶ୍ରୀଜିଉଙ୍କ ନିକଟରେ ଦେଶବାସୀଙ୍କ ସୁଖ ସମୃଦ୍ଧି କାମନା କଲେ ରାଷ୍ଟ୍ରପତି

।।ପ୍ରଭାନ୍ୟୁଜ।। ପୁରୀ,୧୮।୩:

ରବିବାର ସକାଳେ କଡା ସୁରକ୍ଷା ବଳୟ ମଧ୍ୟରେ ଭାରତର ମହାମହିମ ରାଷ୍ଟ୍ରପତି ସପତ୍ନୀଙ୍କ ଶ୍ରୀମନ୍ଦିରକୁ ଯାଇ ରତ୍ନ ସିଂହାସନରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିଛନ୍ତି । ଓଡିଆ ହିନ୍ଦୁ ନବବର୍ଷ ଉପଲକ୍ଷେ ରାଷ୍ଟ୍ରପତି ଚତୁର୍ଦ୍ଧାମୂର୍ତ୍ତିଙ୍କ ନିକଟରେ ଦେଶବାସୀଙ୍କର ସୁଖ, ସମୃଦ୍ଧି, ମଙ୍ଗଳମୟ ଜୀବନ ପାଇଁ ପ୍ରାର୍ଥନା କରିଛନ୍ତି ।

ସକାଳ ୭ଟା ୩୦ମିନିଟ୍ ସମୟରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ଧର୍ମପତ୍ନୀ ସବିତା କୋବିନ୍ଦ ସ୍ଥାନୀୟ ସ୍ୱତନ୍ତ୍ର ସର୍କିଟ ହାଉସ ଠାରୁ କଡା ସୁରକ୍ଷା ବଳୟ ମଧ୍ୟରେ ଆସି ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ । ସେଠାରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ କୁମାର ଜେନା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଓଡିଶା ସରକାରଙ୍କ ରାଜସ୍ୱ ବିପର୍ଯ୍ୟୟ ପ୍ରଶମନ ବିଭାଗ ମନ୍ତ୍ରୀ ମହେଶ୍ୱର ମହାନ୍ତି,



ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀଜିଉଙ୍କ ସୁନାବେଶ ପଟ୍ଟଚିତ୍ର ଫଟୋ ପ୍ରଦାନ

ଦଇତାପତି ସେବାୟତ ନିଯୋଗ ସଭାପତି ତଥା ଓଡିଶା ରାଜ୍ୟ କ୍ଷୁଦ୍ର ଶିଳ୍ପ ନିଗମ ଅଧ୍ୟକ୍ଷ ରାମକୃଷ୍ଣ ଦାସ ମହାପାତ୍ର, ନଗରପାଳ ଜୟନ୍ତ କୁମାର ଷଡଙ୍ଗୀ, ଜିଲ୍ଲାପାଳ ଅରବିନ୍ଦ ଅଗ୍ରୱାଲ, ଅତିରିକ୍ତ ପୁଲିସ ଡିଜି ସତ୍ୟଜିତ୍ ମହାନ୍ତି ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଡଃ. ସାର୍ଥକ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ରହି ରାଷ୍ଟ୍ରପତିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରି ଶ୍ରୀମନ୍ଦିର ଭିତରକୁ ପାଛୋଟି ନେଇଥିଲେ ।

ବାଇଶି ପାହାଚ ସାତ ପାହାଚ ଦେଇ ରାଷ୍ଟ୍ରପତି ମନ୍ଦିର ଭିତରକୁ ପ୍ରବେଶ କରିଥିଲେ । ଗରୁଡ ସ୍ତମ୍ଭ ଚର୍ତୁପାର୍ଶ୍ୱରେ ରାଷ୍ଟ୍ରପତି ସପତ୍ନୀଙ୍କ ପରିକ୍ରମା କରିବା ପରେ ମନ୍ଦିର ଗର୍ଭଗୃହ ଭିତରକୁ ପ୍ରବେଶ କରିଥିଲେ । ସେଠାରେ ରତ୍ନ ସିଂହାସନରେ ରାଷ୍ଟ୍ରପତି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିଥିଲେ । ମନ୍ଦିର ଭିତରେ ପ୍ରାୟ ୪୫ମିନିଟ୍ ଧରି ରାଷ୍ଟ୍ରପତି ସପତ୍ନୀକ ଶ୍ରୀଜିଉମାନଙ୍କୁ ଦର୍ଶନ କରିବା ସହ ପାର୍ଶ୍ୱ ଦେବାଦେବୀଙ୍କୁ ଦର୍ଶନ କରିଥିଲେ । ମା' ବିମଳା ଓ ମା' ମହାଲକ୍ଷ୍ମୀଙ୍କ ମନ୍ଦିରକୁ ଯାଇ ସେଠାରେ ପୂଜାର୍ଚ୍ଚନା କରି ୮ଟା ୧୫ମିନିଟ୍‌ରେ ସିଂହଦ୍ୱାର ନିକଟକୁ ପ୍ରସ୍ଥାନ କରିଥିଲେ । ରାଷ୍ଟ୍ରପତିଙ୍କ ମନ୍ଦିର ଭିତରେ ■ ୧୧ ପୃଷ୍ଠାରେ...